# Class-4 (Odia)

୧) ଥରଥର, ଘରଘର, ଫରଫର

୨) ଗଉରବ - ଗୌରବ, ପୁରୁବ – ପୂର୍ବ, ଗରବ – ଗର୍ବ, ସମତୁଲ – ସମାନ

୩) ଡଉଲଡାଉଲ – ପିଲାଟି ବହୁତ ଡଉଲଡାଉଲ ହୋଇଛି

ଖାତର – ରମୁ କାହାରୀକୁ ଖାତର କରେ ନାହିଁ

ତିଳେ – ମୁଁ ଅନ୍ଧାରକୁ ତିଳେ ମାତ୍ର ଡରେ ନାହିଁ

ଚାଟ – ଆମେ ସମସ୍ତେ ଚତୁର୍ଥ ଶ୍ରେଣୀର ଚାଟ ଅଟୁ

ଯଶ – ଗାନ୍ଧୀଜୀ ଭଲ କାମ କରି ଯଶ ରଖିଥିଲେ

କାବା – ପିଲାଟି କାବା ହୋଇ ଆକାଶକୁ ଅନାଇଛି

୪)(କ) ରାମ ଦୌଡ ଓ ଲମ୍ବଡିଆଁରେ ଭାଗ ନେଇଛି

(ଖ) ନନ୍ଦନକାନନରେ ଚିଡିଆଖାନା ଓ ଉଦ୍ଭିଦ ଉଦ୍ୟାନ ଦେଖିବ

୫)(କ) ପିଲାଟିର ଦେହ <u>ମାଟିକାଦୁଅ</u> ରେ ସରସର ହୋଇଥିଲା

(ଖ) ଗୁରୁ ଦିନେ ଚାଟ ସଭା ଡକାଇଲେ

(ଗ) <u>ଦଶହରା</u> ଛୁଟି ବେଳେ ପିଲାଟି ସାଙ୍ଗମାନଙ୍କୁ ଧରି ଗାଁ ଦାଣ୍ଡ ସମତୁଲ କରାଇଲା

(ଘ) ବଡ ହୋଇ ପିଲାଟି <u>ମଧୁ ବାରିଷ୍ଟର</u> ନାମରେ ବିଖ୍ୟାତ ହେଲା

(ଙ) ନୂଆ ଜୀବନର <u>ଆଲୋକ</u> ଦେଖାଇ ସେ କୋଟି କୋଟି ଲୋକଙ୍କ ମନ ଟାଣି ନେଇଥିଲା

୬)(କ) ଗୁରୁଜୀ ଦେଖିଲେ ଦେହ ତା'ର

ମାଟି କାଦୁଅରେ ସରସର

ତିଳେ ହେଁ ସେଥିକି ଖାତର ନ କରି

ଆସିଅଛି ହୋଇ ତରବର

(ଖ) ଏହା ଦେଖି ଲୋକେ ହେଲେ କାବା

ଡକାଇଲେ ଗୁରୁ ଚାଟସଭା

କହିଲେ ଏ ଭଳି ଭଲ କାମ କଲେ

ଦୁନିଆରେ ଦିନେ ବଡ ହେବା

୭)(କ) Ans : ଝଡିବର୍ଷା ଛାଡିଲା ପରେ ପିଲାଟି ପାଠ ପଢିବାକୁ ଯାଉ ଯାଉ ବାଟରେ ତା'ର ଗୋଡ ଖସିଯିବାରୁ ସେ ମୁହଁମାଡି ପଡିଗଲା, ତେଣୁ ପିଲାଟି ସେଦିନ ଚାହାଳିରେ ଡେରିରେ ପହଞ୍ଚିଲା

(ଖ) ଗୁରୁ ତାକୁ ଦେଖି ତା'ର ଏପରି କେମିତି ହେଲା, ତାକୁ ଏମିତି କିଏ କଲା ବୋଲି ପଚାରିଲେ

(ଗ) ସେ ସେଥର ପୂଜା ଛୁଟିରେ ସାଙ୍ଗସାଥିମାନଙ୍କୁ ଏକାଠି କରି ବାଲି, ଗୋଡି, ମାଟି ପକାଇ ଗାଁ ଦାଣ୍ଡ ସମାନ କଲା

(ଘ) ଗୁରୁ ଚାଟସଭା ଡକାଇ ପିଲାମାନଙ୍କୁ ଏ ଭଳି ଭଲ କାମ କରିବାକୁ ଉତ୍ସାହିତ କରି ଭଲ ମଣିଷ ହେବାକୁ କହିଲେ

(ଙ) ବଡ ହୋଇ ସେହିପିଲାଟି ମଧୁ ବାରିଷ୍ଟର ନାମରେ ଭଲ କାମ କରି ଯଶ ରଖିଲେ

(ଚ) ମଧୁବାବୁ ଜାତିକୁ ପୂର୍ବ ଗୌରବ ଓ ତା'ର ମହିମାକୁ ମନେ ପକାଇ ଭଲ କାମ କରି ଯିବା ପାଇଁ କହିଥିଲେ

(ଛ) ମଧୁବାବୁ ପ୍ରତ୍ୟେକ ଓଡିଆଙ୍କ ମନରେ ନିଜ ମାତୃଭାଷା ଜାତିକୁ ଭଲ ପାଇବା ଓ ଓଡିଶାର ମାନ ବଢାଇବା କଥା କହି ସମସ୍ତଙ୍କ ମନରେ ଅମର ରହିଛନ୍ତି

୯)(କ) ଛାଡିଯାଇଥିଲା ଦିନେ ଝଡି, ବାହାରିଲା ସିଏ ପାଠ ପଢି
ବାଟେ ଯାଉଯାଉ ଗୋଡ ଖସିଗଲା, ମୁହଁମାଡି ତଳେ ଗଲା ପଡି

(ଖ) ତେଜଭରା ତା'ର ବୀରବାଣୀ, ନାବଜାଗରଣ ଦେଲା ଆଣି
ନୂଆ ଜୀବନର ଆଲୋକ ଦେଖାଇ, କୋଟି ଜନମନ ନେଲା ଟାଣି

୧୦) ନୂଆ – ପୁରୁଣା, ଗୁରୁ – ଶିଷ୍ୟ, ଜୀବନ – ମରଣ, ଭଲ – ମନ୍ଦ, ବଡ – ସାନ, ଦିନ – ରାତି

୧୧)(କ) ଗୁରୁଜୀ ଦେଖିଲେ ପିଲାଟିର ପିଲାଟିର ଦେହ ବର୍ଷାରେ ଓଦା ସରସର ହୋଇଛି ( x )

(ଖ) ପିଲାଟି ବଡ ହୋଇ ଗୋପବନ୍ଧୁ ନାମରେ ବିଖ୍ୟାତ ହେଲା ( x )

(ଗ) ସେ ଖରା ଛୁଟିରେ ପିଲାମାନଙ୍କୁ ଏକାଠି କରି ଗାଁ ଦାଣ୍ଡ ସମତୁଲ କଲା ( x )

(ଘ) ପିଲାଟି କହିଲା ବେଗେ ଆସୁ ଆସୁ କାଦୁଅରେ ଗୋଡ ଖସିଗଲା ( √ )

୧୨) ଗୁରୁଜୀ, ପୁରୁବ, ମଧୁ ବାରିଷ୍ଟର, ବାଣୀ

## ଶ୍ରବଣ କୁମାର

୧) ଋଷି – ଋଷି ଜଣକ ଧ୍ୟାନରେ ବସିଛନ୍ତି
ଅନ୍ଧୁଣୀ – ଅନ୍ଧୁଣୀ ସ୍ତ୍ରୀ ଲୋକଟିକୁ ମା ରାସ୍ତା ପାରି କରି ଦେଲେ
ତୀର୍ଥ – ମୋ ଜେଜେ ବାପା ଜେଜେମା ତୀର୍ଥ ସ୍ଥାନ ସବୁ ବୁଲିଯାଇଛନ୍ତି
ଶର – ଶର ଗୋଟିଏ ଧାରୁଆ ମୁନିଆଁ ଅସ୍ତ୍ର ଅଟେ
ଦୁଃଖ – ଜୀବନରେ ସୁଖ ଦୁଃଖ ଆସିଥାଏ
ଶୋଷ – ବୁଲି ବୁଲି ମୋତେ ବହୁତ ଶୋଷ ଲାଗୁଛି
ଅଭିଶାପ – ବୁଢା ଲୋକଟି ତା ପୁଅକୁ ରାଗିକି ଅଭିଶାପ ଦେଲା

୨) ରାଜା – ରଙ୍କ, ରାତି – ଦିନ, ତଳ – ଉପର, ସୁଖ – ଦୁଃଖ, ବିଳମ୍ବ – ଶୀଘ୍ର, ଅଭିଶାପ – ଆଶୀର୍ବାଦ

୩)(କ) ବନରେ ଜଣେ ଋଷି ରହୁଥିଲେ

(ଖ) ଅଯୋଧ୍ୟାର ରାଜା ଦଶରଥ ଥିଲେ, ସେ ବଣକୁ ଶିକାର କରିବାକୁ ଯାଇଥିଲେ

(ଗ) ବଣରେ ରହୁଥିବା ଅନ୍ଧଋଷି ଓ ସ୍ତ୍ରୀ ଅନ୍ଧୁଣୀଙ୍କର ଶ୍ରବଣ କୁମାର ପୁଅ ଥିଲେ

(ଘ) ବାପା ମା, ଅନ୍ଧ ଅନ୍ଧୁଣୀ ଥିବାରୁ ଏବଂ ସେ ସେମାନଙ୍କର ଗୋଟିଏ ପୁଅ ଥିବାରୁ ଶ୍ରବଣ କୁମାର ତା ବାପା ମାଆଙ୍କର ଖୁବ୍ ସେବା କରୁଥିଲା

(ଙ) ଶ୍ରବଣ କୁମାର ତା ବାପା ମାଆଙ୍କୁ ଭାରରେ ବସାଇ ବୋହି ବୋହି ତୀର୍ଥ ସ୍ଥାନ ସବୁ ବୁଲାଇ ଦେଖାଇ ନେଉଥିଲା

(ଚ) ଦଶରଥ ଶର ଦ୍ୱାରା ଶ୍ରବଣ କୁମାରକୁ ମାରିଲେ, ଯେତେବେଳେ ରାଜା ଦଶରଥ ବଣକୁ ଶିକାର କରିବାକୁ ଯାଇଥିଲେ ସେତେବେଳେ ମାଠିଆ ରେ ପାଣି ପଶିବା ଶବ୍ଦ ଶୁଣି ସେ ଭାବିଲେ ଗୋଟିଏ ଜନ୍ତୁ କିଏ ପାଣି ପିଉଛି, ତେଣୁ ସେ ସାଙ୍ଗେ ସାଙ୍ଗେ ଶର ମାରିଦେଇଥିଲେ, ଯାହାଦ୍ୱାରା କି ତାହା ଯାଇ ଶ୍ରବଣ କୁମାରଙ୍କ ଦେହରେ ବାଜିଲା

(ଛ) ମଲା ପୂର୍ବରୁ ଶ୍ରବଣ କୁମାର ଦଶରଥଙ୍କୁ କହିଲେ, ତୁମେ ଶୀଘ୍ର ପାଣି ନେଇ ମୋ ବାପା ମାଆଙ୍କୁ ଦିଅ, ତାଙ୍କୁ ଭାରି ଶୋଷ କରୁଥିବ ପାଣି ନ ପିଇଲେ ମୋ ସହିତ ସେମାନେ ମଧ୍ୟ ମରିଯିବେ

(ଜ) ଅନ୍ଧଋଷି ଦଶରଥଙ୍କୁ ଦେଇଥିବା ଅଭିଶାପ ହେଲା, ତୁମେ ଆମ ପୁଅକୁ ମାରିଦେଲ, ତାକୁ ନ ଦେଖି ଆମେ ଝୁରି ଝୁରି ମରିବୁ, ତୁମେ ମଧ୍ୟ ସେହିପରି ବୁଢାବେଳେ ତୁମ ପୁଅକୁ ନ ଦେଖି ଝୁରୁ ଝୁରି ମରିବ

୪) (କ) ବଣରେ ଜଣେ ଋଷି ରହୁଥିଲେ

(ଖ) ସେ ଭାରରେ ବସାଇ ବୋହି ତୀର୍ଥସ୍ଥାନ ବୁଲାଇ ନେଉଥିଲା

(ଗ) ଶ୍ରବଣ କୁମାର <u>ଝରଣା</u> କୁ ପାଣି ଆଣିବାକୁ ଗଲା

(ଘ) ଅଯୋଧ୍ୟାର ରାଜା ଦଶରଥ ଥିଲେ

(ଙ) ଶରଟି <u>ଶ୍ରବଣ</u> ଦେହରେ ବାଜିଲା

୫) (କ) କିଏ ଝରଣାରେ ମାଠିଆ ବୁଡାଇ ପାଣି ଭରୁଥାଏ ?

(ଖ) ଅଯୋଧ୍ୟାର ରାଜା ଦଶରଥ ବଣକୁ କଣ କରିବାକୁ ଯାଇଥିଲେ ?

(ଗ) ଶ୍ରବଣ କୁମାର କ'ଣ କହିଥିଲେ ?

(ଘ) ଶରଟି କାହା ଦେହରେ ଗଳିଗଲା ?

(ଙ) ବଣରେ କିଏ ଥିଲେ ?

୬) ଅନ୍ଧ – ଅନ୍ଧୁଣୀ, ସ୍ତ୍ରୀ – ସ୍ୱାମୀ, ରାଜା – ରାଣୀ, ପୁତ୍ର – ପୁତ୍ରୀ, ବାପା – ମା

୭) ବଣ – ଜଙ୍ଗଲ, ବାପା – ପିତା, ପାଣି – ଜଳ, ମାଆ – ମାତା, ଶର – ତୀର, ଋଷି – ସନ୍ନ୍ୟାସୀ

୮) (କ) ଶ୍ରବଣ କୁମାର ଦଶରଥଙ୍କୁ କହିଥିଲେ

(ଖ) ଅନ୍ଧଋଷି ଶ୍ରବଣ ଆସୁଛି ଭାବି ଦଶରଥଙ୍କୁ କହିଥିଲେ

(ଗ) ଅନ୍ଧ ଋଷି ଦଶରଥଙ୍କୁ କହିଥିଲେ

(ଘ) ଶ୍ରବଣ କୁମାର ଦଶରଥଙ୍କୁ କହିଥିଲେ

୯) ଅଯୋଧ୍ୟା – ରାଜା, ଶ୍ରବଣ କୁମାର – ପୁଅ, ଋଷି – ପୁତ୍ର, ଅନ୍ଧୁଣୀ – ସ୍ତ୍ରୀ, ମାଠିଆ – ପାଣି

୧୦) ଅଯୋଧ୍ୟା, ଦଶରଥ, ଅନ୍ଧୁଣୀ, ମାଠିଆ, ଶ୍ରବଣ, ପିଉଛି

## ଚାଷୀ ଠାରୁ ଦୁନିଆରେ ବଡ ଆଉ କିଏ ରେ

୧) ଖରାଦିନିଆ ଫସଲ – ବିରି, ମାଣ୍ଡିଆ

ଖରାଦିନିଆ ଫଳ – ଆମ୍ବ, ପଣସ

୨) ଶୀତଦିନିଆ ପରିବା – ଫୁଲ କୋବି, ମଟର ଛୁଇଁ

୩) ବର୍ଷାଦିନିଆ ଫୁଲ – କଦମ୍ବ

୪)(କ) ଆସ ଚାଷ କରିବା

କଳହଳ ଧରିବା

(ଖ) କେତେ ଗଛ ଉଠିବ

ଫୁଲ ତହିଁ ଫୁଟିବ

(ଗ) ଲାଗି ପଡି ସଅଳ

କରିନେବ ଅମଳ

(ଘ) ଚାଷ କରେ ଯିଏରେ

ଅନ୍ନ ମୁଠି ଦିଏରେ

୫) ଆନନ୍ଦ – ମା ଆନନ୍ଦ ମନରେ ଘରର କାମ କରନ୍ତି

ଆହାର – ଆହାରକୁ ନଷ୍ଟ କର ନାହିଁ

ଫସଲ – ଏ ବର୍ଷ ଭଲ ଫସଲ ହୋଇଛି

ସଅଳ – ମୁଁ ପୁରୀ ଯିବା ପାଇଁ ସଅଳ କାମ ସାରିଦେଲି

ଅମଳ – ଫସଲ ଅମଳ ସମୟ ଆସିଲେ ଚାଷୀର ମନ ଖୁସିଥାଏ

ଗହଳ – ବାଲିଯାତ୍ରା ଗହଳ ଭିତରେ ପିଲାଟି ହଜିଗଲା

କିଆରୀ – ଆଖୁ କିଆରୀରେ ହାତୀ ପଶି ସବୁ ନଷ୍ଟ କରିଦେଲା

ଚାଷ – ମରୁଡି ଚାଷବାସ ଉପରେ କିଛି ପ୍ରଭାବ ପକାଇନାହିଁ

୬)(କ) ସେହି ସିନା ଯୋଗାଉଛି ଦୁନିଆକୁ ଆହାର

(ଖ) ବେଳ ଦେଖି ସାର ଦେଇ ବୁଣା ବୁଣି ସାରିବା

(ଗ) ଜାତିଜାତି ଫସଲ ଯେ କିଆରୀରେ ଲୋଟିବ

(ଘ) ବୋହିଆଣୀ ଜମାଇବା ଖୁସି ମାନେ ଖଳାରେ

(ଙ) ଭୋଜିଭାତ ମହୋତ୍ସବେ ଲାଗିଯିବ ଗହଳ

୭)(କ) ଦୁନିଆକୁ ଚାଷୀ(କୃଷକ) ଆହାର ଯୋଗାଏ

(ଖ) ଚାଷୀ କ୍ଷେତରେ ହଳ ବୁଲାଇ ମାଟିକୁ ସଜାଡେ, ସାର ଦେଇ ବିହନ ବୁଣେ, ଉଚିତ ସମୟରେ ପାଣି ଦେଇ ଚାଷ କରିଥାଏ

(ଗ) କିଆରୀରେ ଫସଲ ଧାଡିଧାଡି ହୋଇ ଲଗାଯାଇଥାଏ, ଗଛ ଉଠି ଫୁଲ ଫୁଟି ସୁନ୍ଦର ଦେଖାଯାଏ, ବିଭିନ୍ନ ପ୍ରକାରର ଫସଲରେ କିଆରୀ ହସିଉଠେ

(ଘ) ଫସଲ ସବୁ ପାକଳ ହେଲାପରେ ତାକୁ ଗୋଛାଗୋଛା କରି ଖଳାରେ ଜମା କରି ଫସଲ ଅମଳ କରାଯାଏ

(ଙ) ଫସଲ ଅମଳ ପରେ ଲୋକେ ଆନନ୍ଦରେ ବିଭିନ୍ନ ପର୍ବ ପର୍ବାଣି ପାଳନ କରନ୍ତି, ତେଣୁ ଭୋଜିଭାତ ସହ ଗହଳଚହଳ ଲାଗି ରହେ

(ଚ) ଆମେ ସମସ୍ତେ ବଞ୍ଚିବା ପାଇଁ ଆହାର ଖାଉ, ଚାଷୀ ଖରା ବର୍ଷାକୁ ଖାତର ନ କରି ସମସ୍ତଙ୍କୁ ଆହାର ଯୋଗାଇଥାଏ । ତେଣୁ ଚାଷିକୁ ଦୁନିଆରେ ବଡ ବୋଲି କୁହାଯାଇଛି

୧୦) ଅନ୍ନ – ମୁଠି, କଳ – ହଳ, ଚାଷ – କାମ, ଭୋଜି – ଭାତ, ଫୁଲ – ଫୁଟିବ, ଗଛ – ଉଠିବ, ଦୁନିଆ – ଆହାର

## ରାଜା ଓ ଡାଳିମ୍ବ ବଗିଚା

୧) ତଳ – ଉପର, ଚଢି – ଓହ୍ଲାଇ, ପାଚିଲା – କଞ୍ଚା, ଭର୍ତ୍ତି – ଖାଲି, ବିକି – କିଣି, ଅଳ୍ପ – ବହୁତ

୨) ବଗିଚା – ବଗିଚାରେ ସୁନ୍ଦର ସୁନ୍ଦର ଫୁଲ ଫୁଟିଛି

ରାଜ୍ୟ – ଏ ବର୍ଷ ଆମ ରାଜ୍ୟରେ ଭଲ ଫସଲ ହୋଇଛି

କୁଡିଆ – ମୋ ଅଜା କୁଡିଆ ଘରେ ରୁହନ୍ତି

ଖଜଣା – ସରକାରଙ୍କୁ ଠିକ୍ ସମୟରେ ଖଜଣା ଦିଅ

ଲୋଭ – ଅନ୍ୟର ଜିନିଷକୁ ଲୋଭ କର ନହିଁ

ଆନନ୍ଦ – ମା ଆନନ୍ଦ ମନରେ ସବୁ କମ କରନ୍ତି

୩)(କ) ରାଜା ନିଜ ରାଜ୍ୟରେ ଘୋଡାରେ ଚଢି ବୁଲୁଥିଲେ

(ଖ) ରାଜାଙ୍କୁ ଶୋଷ ହେବାରୁ ସେ ଡାଳିମ୍ବ ବଗିଚାର ମାଳୀକୁ କହିଲେ "ମୋତେ ଡାଳିମ୍ବ ରସ ପିଇବାକୁ ଦିଅ" ।

(ଗ) ରାଜ୍ୟରେ ବୁଲୁଥିବା ସମୟରେ ସେ ଡାଳିମ୍ବ ବଗିଚାଟିଏ ଦେଖିଲେ

(ଘ) ଗୋଟିଏ ସୁନ୍ଦରୀ ଝିଅ ମାଟି ପାତ୍ରଟିରେ ଡାଳିମ୍ବ ରସ ଆଣି ରାଜାଙ୍କୁ ଦେଲା

(ଙ) ରାଜା ଖୁସି ହୋଇ ମାଳୀକୁ ପଚାରିଲେ "ତୁମେ ଏ ବଗିଚାର ଡାଳିମ୍ବ ବିକି କେତେ ଲାଭ ପାଅ ?"

(ଚ) ଦ୍ୱିତୀୟ ଥର ରାଜା ଡାଳିମ୍ବ ରସ କାହିଁ ପଚାରିବାରୁ ମାଳୀ କହିଲା, ଦ୍ୱିତୀୟ ଥର ଆପଣଙ୍କ ମନରେ ଲୋଭ ଥିବାରୁ ଡାଳିମ୍ବରୁ ଅଳ୍ପ କେତେ ଟୋପା ରସ ବାହାରିଲା

(ଛ) ମନରେ ଲୋଭ ହେବାରୁ ଡାଳିମ୍ବ ରସ ଶୁଖିଯାଇଥିବା କଥାରୁ ରାଜା ନିଜର ଭୁଲ୍ ବୁଝିପାରିଲେ

୪)(କ) ରାଜା ଘୋଡା ଉପରେ ଚଢି ରାଜ୍ୟ ବୁଲୁଥିଲେ

(ଖ) ରାଜା ଡାଳିମ୍ବ ଗଛଟି ବଗିଚାରେ ଦେଖିଲେ

(ଗ) ଗୋଟିଏ ସୁନ୍ଦରୀ ଝିଅ ମାଟି ପାତ୍ରଟିରେ ଡାଳିମ୍ବ ରସ ଆଣି ରାଜାଙ୍କୁ ଦେଲା

(ଘ) ରାଜା ଲାଭର ଦଶଭାଗରୁ ଭାଗେ ନିଅନ୍ତି

(ଙ) ମାଳୀ ବର୍ଷକୁ ତିନିଶହ ଟଙ୍କା ଲାଭ ପାଆନ୍ତି

୫)(କ) ରାଜା ମାଳୀ କଥାରେ ଆଶ୍ଚର୍ଯ୍ୟ ହେଲେ

(ଖ) ଡାଳିମ୍ବ ବଗିଚାଟି ଦେଖି ରାଜାଙ୍କ ମନରେ ଲୋଭ ହେଲା

(ଗ) ମାଳୀ ପୁଣି ଥରେ ତା କୁଡିଆ କୁ ଗଲା

(ଘ) ରାଜା ଘୋଡାରେ ଚଢି ନିଜ ରାଜ୍ୟରେ ବୁଲୁଥାନ୍ତି

୬)(କ) ମୋତେ ଡାଳିମ୍ବ ରସ ପିଇବାକୁ ଦିଅ

(ଖ) ମାଳୀ ବଗିଚାରେ କାମ କରୁଥାଏ

(ଗ) ସେଥିରେ କିନ୍ତୁ ଥାଏ ଅଳ୍ପ କେତେ ଟୋପା ଡାଳିମ୍ବ ରସ

(ଘ) ରାଜା ମାଳୀ କଥାରେ ଆଶ୍ଚର୍ଯ୍ୟ ହେଲେ

(ଙ) ଡାଳିମ୍ବ ବଗିଚାଟି ଦେଖି ରାଜାଙ୍କ ମନରେ ଲୋଭ ହେଲା

୭) ରାଜା – ରାଜନ, ବଗିଚା – ଉଦ୍ୟାନ, ଘୋଡା – ଅଶ୍ୱ, ବାଟ – ରାସ୍ତା, ଝିଅ – କନ୍ୟା

| | |
|---|---|
| ୮) ମଳି - | ଦିନ – |
| ମାଳୀ | ଦୀନ – |

# ମଧୁ ବାବୁ

୧) ବଡ – ସାନ, ଦୋଷ – ନିର୍ଦ୍ଦୋଷ, ବେଶୀ – କମ୍, ପ୍ରସ୍ତୁତ – ଅପ୍ରସ୍ତୁତ

୨) ସମୟ – ସମୟର ସଦ୍ ବ୍ୟବହାର କର

ଘଟଣା – ଏତେ ସବୁ ଘଟଣା ଘଟିଗଲା କିନ୍ତୁ ମୁଁ କିଛି ଜାଣିନାହିଁ

ସାକ୍ଷାତ – ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଲୋକମାନେ ବାହାରେ ଅପେକ୍ଷା କରିଛନ୍ତି

ପ୍ରସ୍ତୁତ – ମୁଁ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି

ଚୁପ୍ ଚାପ – ପିଲାଟି ମନ ଦୁଃଖରେ ଚୁପ୍ ଚାପ ବସିଛି

୩)(କ) ମଧୁବାବୁ ଓକିଲାତି ପାଠ ପଢିଥିଲେ

(ଖ) ମଧୁବାବୁ ବାରିଷ୍ଟର ଥିଲାବେଳେ ପିଲାମାନେ ଏହି ଗୀତଟି ଗାଉଥିଲେ

ପାଠ ପଢିବି ଓକିଲ ହେବି
କାଳିଆ ଘୋଡାରେ ଚଢିବି
ମଧୁବାବୁ ସଙ୍ଗେ ଲଢିବି

(ଗ) କେନ୍ଦୁଝରର ରାଜାଙ୍କୁ ସେ ସାକ୍ଷାତ କରିବାର ସୁଯୋଗ ଦେଲେନାହିଁ କାରଣ ରାଜା ଅଧ ଘଣ୍ଟା ବିଳମ୍ବରେ ଆସିଥିଲେ

(ଘ) ମଧୁବାବୁ ରାଜାଙ୍କୁ କହିଲେ – ଆପଣ ଦେଢ ଘଣ୍ଟା କାଳ ପଦାରେ ଅପେକ୍ଷା କରିଛନ୍ତି, ଏହା ଆପଣଙ୍କୁ ଖୁବ୍ ବାଧିଥିବ, ତେବେ କହିଲେ ଦେଖି, ଏ କାନ୍ଥରେ ଝୁଲୁଥିବା ଘଣ୍ଟାଟିର ଦାମ୍ କେତେ ହବ ?

(ଙ) ଯେତେବେଳେ ମଧୁବାବୁ କହିଲେ – ଛାର ଶହେ ଟଙ୍କିଆ ଘଣ୍ଟାଟା କେନ୍ଦୁଝରର ରାଜା ଆସିବେ ବୋଲି ଟିକେ ଅଟକିଲା ନାହିଁ, ମୁଁ ଆପଣଙ୍କୁ ସାକ୍ଷାତ କରିବି ବୋଲି ମୋର ଅନ୍ୟ କାମ ପକାଇ ଅପେକ୍ଷା କରିଥାଆନ୍ତି କାହିଁକି ? ମୋର ମୂଲ୍ୟ କଣ ଶହେ ଟଙ୍କାରୁ କମ ? ସେତେବେଳେ ରାଜା ସମୟର ମୂଲ୍ୟ ବୁଝିପାରିଲେ ।

(ଚ) ଏବେ ଆଉ ଆପଣଙ୍କ ସହିତ କଥାବାର୍ତ୍ତା ହୋଇପାରିବି ନାହିଁ, ପରେ କେବେ ମୋ ସହିତ ସମୟ କରି କଥା ହେବାକୁ ଆସିବେ । ମଧୁବାବୁଙ୍କ ଏହି କଥାରୁ ରାଜା ବୁଦ୍ଧି ଶିଖି ଚୁପ୍ ଚାପ୍ ହୋଇ ମନ ଦୁଃଖରେ ଘରକୁ ଫେରିଗଲେ ।

(ଛ) ମଧୁବାବୁ ସମୟର ମୂଲ୍ୟ ଖୁବ ବେଶୀ ବୋଲି ଜାଣି ଯଥା ସମୟରେ ତାଙ୍କର କାର୍ଯ୍ୟ ସାରୁଥିଲେ ।

୪)(କ) ପାଠ ପଢିବି ଡାକ୍ତର ହେବି ( x )

(ଖ) ପାଠର ମୂଲ୍ୟ ଖୁବ୍ ବେଶୀ ବୋଲି ସେ ଜାଣିଥିଲେ ( x )

(ଗ) ମୋର ମୂଲ୍ୟ କଣ ଶହେ ଟଙ୍କାରୁ କମ୍ ( √ )

(ଘ) ନେତାଜୀ ବାରିଷ୍ଟର ଥିଲାବେଳେ ପିଲାଏ ଏହା ଗାଉଥିଲେ ( x )

(ଙ) କାଳିଆ ଘୋଡାରେ ଚଢିବି ( √ )

୫)    ଅସମୟ, ଅମୂଲ୍ୟ, ଅଯଥା, ଅଘଟଣା

୬)    କଳିଆ – ଘୋଡା, ସମୟର – ମୂଲ୍ୟ, କାନ୍ଥ – ଘଣ୍ଟା, ଶହେ – ଟଙ୍କିଆ, କେନ୍ଦୁଝର – ରାଜା

୭)    ଘଣ୍ଟା, କାର୍ଯ୍ୟ, ମୂଲ୍ୟ, କାନ୍ଥ

୮)    କରିବା – କର, କହିବା – କୁହ, ଯିବା – ଯାଓ, ଲଢିବା – ଲଢ, ଡକାଇବା – ଡାକ

୯)    ଗୋଟିଏ ବ୍ୟକ୍ତିର ନାମ – ମଧୁବାବୁ

ଗୋଟିଏ ସ୍ଥାନର ନାମ – କେନ୍ଦୁଝର

ଏକ ପ୍ରକାର ଜୀବିକାର ନାମ – ଓକିଲ

ଏକ ରଙ୍ଗର ନାମ – କାଳିଆ

ଗୋଟିଏ ପଶୁର ନାମ – ଘୋଡା

## କଲୁରୀ ବେଣ୍ଟ କଥା

୧)(କ) ଗୋଟିଏ ବୁଢୀ ଟା ବାଡିରେ କଲରା ମଞ୍ଜି ଲଗାଇଥିଲା

(ଖ) କୁଆ କୁମ୍ଭାର ଠୁ ମାଟି କଳସୀ ଆଣିବାକୁ ଗଲା

(ଗ) ଶିଙ୍ଗ ପାଇଁ କୁଆ ମିରିଗ ପାଖକୁ ଗଲା

(ଘ) କମାର ଶାଳରେ ବସି ଦାଆ ତିଆରି କରୁଥିଲା

(ଙ) ଶେଷରେ କୁଆ କୂଅ ରେ ଥଣ୍ଟ ଧୋଇ କଲରା ଖାଇପାରିଲା

୨)    କଲୁରି, ମିରିଗ, କୁମାର

୩)(କ) କୁଆର କଲରା ଖାଇବାକୁ ଇଚ୍ଛା ହେଲା

(ଖ) ବୁଢୀ କୁଆକୁ କୂଅ ପାଣିରେ ଥଣ୍ଟ ଧୋଇ ଆସିବାକୁ କହିଲା

(ଗ) କୁଆ ହରିଣକୁ ତାର ଶିଙ୍ଗ ମାଗିଲା

(ଘ) କୁମ୍ଭାର କୁଆକୁ ବିଲରୁ ମାଟି ଆଣିବାକୁ କହିଲା

(ଙ) କମାର ଶାଳରେ ବସି ଦାଆ ତିଆରି କରୁଥିଲା

୪)(କ) କାଉ କଲରା ବୁଢୀର ବାଡିରେ ଦେଖିଲା

(ଖ) କାଉକୁ କଲରା ଖାଇବା ପାଇଁ ବୁଢୀ ସର୍ତ୍ତ ରଖିଲା ଯେ "ଯା କୂଅ ପାଣିରେ ଥଣ୍ଟ ଧୋଇ ଆସିବୁ ଯେ କଲରା ଖାଇବୁ " ।

(ଗ) କୁମ୍ଭାର କାଉକୁ ବିଲରୁ ମାଟି ଆଣିବାକୁ କହିଲା

(ଘ) କାଉ ହରିଣକୁ ତାର ଶିଙ୍ଗ ମାଗିଲା

(ङ) କମାର କାଉକୁ ବିଲରୁ ମାଟି ଆଣିବାକୁ କହିଲା

(ଚ) କାଉ ଶେଷରେ କୂଅ ପାଣିରେ ଥଣ୍ଟ ଧୋଇ ପାଚିଲା କଲରା ଖାଇ ଦେଇ ଖୁସିରେ ଉଡିଗଲା

(ଛ) କୁମ୍ଭାର ମାଟିର ଜିନିଷ ସବୁ ଗଢେ

(ଜ) କମାର ଆମ ପାଇଁ ଲୁହାର ଜିନିଷ ସବୁ ଗଢେ

(ଝ) ଏ ପାଠରୁ ଆମକୁ ଏହି ଶିକ୍ଷା ମିଳିଥାଏ ଯେ, କାମରେ ସଫଳତା ହାସଲ କରିବାଯାଏ ଉଦ୍ୟମ କରିବା କଥା ।

୫) କାଳି – ଗାଈ, କଲୁରୀ – ବେଣ୍ଟ, କମାର – ଘର, କଳସୀ – କୁମ୍ଭାର, ମିରିଗ – ଶିଙ୍ଗ, କୂଅ – ପାଣି

୬) ମୃଗ – ହରିଣ, କାଉ – କୁଆ, କ୍ଷେତ – ବିଲ, ଗୋମାତା – ଗାଈ, ଜଳ – ପାଣି, ମାଠିଆ – କଳସୀ

୭) କୁମ୍ଭାର ତାଡେ – କଳସ, କମାର ଗଢେ – ଦାଆ,
ମିରିଗ ଖୋଳେ – ମାଟି, କୁଆ ଧୁଏ – ଥଣ୍ଟ

୮) ପାଚିଲା – କଞ୍ଚା, ଗଢିବା – ଭାଙ୍ଗିବା, ଦେଲା – ନେଲା, ସଫଳତା – ବିଫଳତା, ବସିବା – ଉଠିବା,
ଶୋଇବା – ଚେଇଁବା

୯) କାଳୀ – ଦୁର୍ଗାଙ୍କ ଅନ୍ୟ ନାମ, କାଳି – ସ୍ୟାହି, ଦିନ – ଦିବସ, ଦୀନ – ଗରିବ, ଫଳ – ଖାଇବା ଫଳ,
ଫଳ – ପରୀକ୍ଷା ଫଳ

୧୦) ଉଦ୍ୟମ – ପିଲାଟି ନିଜ ଉଦ୍ୟମରେ ଆଜି ବଡ ଲୋକ ହୋଇପାରିଛି
ବେଣ୍ଟ – ଛତାର ବେଣ୍ଟଟି ବହୁତ ଟାଣୁଆ ଅଛି
ଲାଲ – ଆମ ଘରେ ଲାଲ ରଙ୍ଗ ଦିଆ ହୋଇଛି
କଳସ – କଳସରେ ସୁନ୍ଦର ସୁନ୍ଦର ଫୁଲ ରହିଛି
ସଫଳତା – ପରିଶ୍ରମ କଲେ ନିଶ୍ଚିନ୍ତ ସଫଳତା ହାସଲ କରିହେବ